# ପିଲାଙ୍କ ଗୀତ

# ପିଲାଙ୍କ ଗୀତ

## ବୁଦ୍ଧ ଓ ବିଧବା

ତଳେ ଲୋଟି ନାରୀ          କହେ, "ମୁଁ ବିଧବା
ଗୋଟିକ ଏ ମୋର ପୁଅ
ଏ ତ ଗଲା, ମୁହିଁ          ରହିବି କା ଲୋଭ
ଏହାକୁ ବଂଚାଇ ଦିଅ ।"

ବୁଦ୍ଧଦେବ ସେଠୁ          ଧ୍ୟାନେ ବସିଥିଲେ
ଚାହିଁଲେ ଫିଟାଇ ଆଖି
କହିଲେ, "ଯାଅ ମା          ଆଂଜଳା ପୂରାଇ
ଆଣ କଳା ସଶି ଦେଖି ।

ମାଗିଣ ଆଣିବ          ତା ଘରୁ, ଯା ଘରେ
ନ ଥିବେଟି କେହି ମରି,
ତେବେ ଗୋ ଦେଖିବ          ମଡ଼ା ଏ ଉଠିବ
ଜୀଅଂତା ମଣିଷ ପରି ।"

ଗଲା ସେ ବିଧବା          ଗ୍ରାମଯାକ ମାଗି
ଖାଲି ଠିଆ ହେଲା ଆସି,
ପଚାରଂତି ବୁଦ୍ଧ          "ଆଣିଲ କି ନାରୀ
କହିଥିବା କଳା ସଶି ?"

ଗଦଗଦେ ନାରୀ          ଗୋଡ଼ତଳେ ପଡ଼ି
କହିଲା, "ବୁଝିଲି ସବୁ,
ଯେତେ ଧନ ଅଛି,          ତୁଂଭ ପାଦପଦ୍ମେ
ଥଉ ମୋର ଆଉ ପ୍ରଭୁ ।"

---

## ମୋ ଟିକି ଘର

୧

ବନସ୍ତେ ଫୁଟିଲା ଫୁଲ କେଡ଼େ ସୁନ୍ଦର
ଖୁଣ୍ଟି ମାଟି କାଂଥ ଦେଇ ତୋଳିଲି ଘର
ନ ଥିଲା ମୋ ନଡ଼ା ଚାଳ
ଯାଇ ସାରିଥିଲା କାଳ
ବାଉଁଶ ପତରେ ଘର କଲି ଛପର
ବନସ୍ତେ ପାଚିଲା କେତେ ପଣସ ତୋଳ ।

୨

ପାଖେ ଥିଲା ନଈ ଧାର କି ଥିଲା ଖାଲ
ଲଟି ମାଡ଼ିଥିଲା କେତେ ଡାଳକୁ ଡାଳ
ନ ଥିଲା ତ ଖଂଜାଶାଳ
ନ ଥିଲା ମୋର ଗୁହାଳ
ଏକୁଟିଆ ଘରଟି ମୋ ନାହିଁ ଜଂଜାଳ
ବନସ୍ତ ଭିତରେ ଘର କେଡ଼େ ସୁଂଦର ।

୩

ବସିଥାଏ ଅଡ଼ଂଗେ ମୁଁ ଶୁଆକୁ ଚାହିଁ
ଡାକୁଥାଏ ସାରୀ ଗଛ ଗହଳେ ଥାଇ
ଚୁଣେ ମୁହିଁ ଖୁଦ କଣି
ଖୁଂଟି ଖାଉଥାଏ ବଣି
ଘୁମୁରି ଘୁମୁରି ଡେଣୁ ଆସଇ ପାରା
ଡେରିଁ ଉଡ଼ିଯାଏ ବଣି ନ ଦିଏ ଧରା ।

୪

ଘୋଟାଇ ଆସିଲା ମେଘ କଳାହାଂଡିଆ
ପଶ୍ଚିମୁଁ ବହିଲା ବାଆ ସୁଲୁସୁଲିଆ
ଶୁଆ ସାରୀ ଗଲେ କାହିଁ
ବଣି ପାରା କେହି ନାହିଁ
ଏକୁଟିଆ ଅଡ଼ଂଗେ ମୁଁ ହୋଇଛି ଠିଆ
ଚୁଳିଲା ଟୋପା ସେ ମେଘ ବରକୋଳିଆ ।

୫

ପିଟିଲା ବତାସି ବାଆ ଛିଡ଼ିଲା ଡାଳ
ବନସ୍ତ ବୁଡ଼ାଇ ଦେଲା ବରଷା ଧାର
ବାଉଁଶ ପତର ଚୂଳ
ପାଣି ବହେ ଝର ଝର
ଝାଟି ମାଟି କାଂଥ, ନାହିଁ ବତାସି ଡର
ବନସ୍ତେ ମୋ ଟିକି ଘର କେଡ଼େ ସୁଂଦର ।

---

## ସାପୁଆ କେଳା

୧

ଡାହାଣିଆ ଖରା ଗଲେ ବୁଡ଼ିବ ବେଳା
ଆସରେ ଦେଖିବା ପିଲେ ସାପୁଆକେଳା
ଅଂଗାକରେ ପାଂଚପେଡ଼ି    ଆଣିଛି ଭାର ସଜାଡ଼ି
ବଡ଼ ସାନ କେତେ ସାପ କରିବେ ଖେଳା
ଖରା ଥାଉଁ ଥାଉଁ ଚାଲ ନ କର ହେଳା ।

୨

ଅହିରାଜ କାଢ଼ିବ ସେ ଅଠର ଜାତି
କୋଳଥିଆ ନାଗ ଏବେ ଛାଡ଼ିବ କାତି
ତଂବାପରି ତଂପମାନ    କେତେ ନାଗ ବଡ଼ ସାନ
ଚାରିଆଡ଼େ ଫେଣା ଟେକି ଉଠିବେ ମାତି
ଖେଳାଇବ କେଳା ଏକା ଫୁଲାଇ ଛାତି ।

୩

ବୋଲୁଥିବ ପଦ୍ମତୋଳା ମୁହଁ ବୁଲାଇ
ପେଡ଼ି ଚାଂଗୁଡ଼ିଏ ଦେଉଥିବ ହଲାଇ
ସମସ୍ତେ ମାରିବେ ଚୋଟ    କରିଥିବ ଦେହ କାଠ
ଚମକ ଚମକ କେତେ କରି ବଢ଼ାଇ
ହଲି ଯାଇ ଚୋଟ ଦେଉଥିବ ଏଡ଼ାଇ ।

୪

ନାଗଟିଏ ଧରି ବେକେ ଗୁଡ଼ାଉଥିବ
ଠିଆହୋଇ ଅହିରାଜ ଫଣା ଧରିବ
ଏଆଡ଼େ ସେଆଡ଼େ ହୋଇ    ଢଂପ ଯେ ଯିବ ପଳାଇ
ଡରୁଥିବେ ଲୋକେ କେଳା ସମ୍ଭାଳି ନେବ
ଛଟକେ ଛଟକେ ବୁଲି ଖେଳାଉଥିବ ।

୫

କାହୁଁ ସେ ପେଡ଼ିରେ ଢଂପମାନ ପୂରାଇ
ଅହିରାଜ ମୁହଁଧରି ଗେଲାଇ ହୋଇ
ପଦ୍ମତୋଳା ବୋଲି ବୋଲି    ଦେହଯାକ ନାଚେ ଭରି
ବୁଲିବ ପଇସା ମାଗି ପେଟ ଦେଖାଇ
ଆସ ରେ ଆସ ରେ ପିଲେ ସଅଳ ହୋଇ ।

---

## ମହାତ୍ମା ଗାଂଧି

ଜନମି ଥିଲେ ଗାଂଧି ଏହି ଭାରତେ
ସୁମରୁଥିବେ ତାଂକୁ ଜନେ ଜଗତେ ।
ଗୋରାଂକ ତଳେ ଥିଲା ଆମ ଏ ଦେଶ
ଗୋରାଂକୁ ଲୋକଂକର ଡର ବିଶେଷ ।
ତୋପବଂଧୁକ ଧରା ସଇନ ଧରି
ଗୋରାଏ କଲେ ଏଥି କି ମହା ଜୁରି ।
ନ ମଣିଲେ ଆମକୁ କରି ମଣିଷ
କେହି କିଛି ନ କହି ହେଲେ ନିରାଶ ।

ଗାଂଧି କହିଲେ, "ଡର ଛାଡ଼ି ହେ ଲୋକେ,
ତୋପ ବଂଧୁକ ଆଗେ ଦେଖାଅ ବୁକେ ।
ଶତ୍ରୁ ବୋଲି କାହାକୁ ନ କର ଘୃଣା
ଯେତେ ଦରପ, ହେଲେ ହୋଇବ ଚୂନା ।
ଡରାଇ ହିଂସାକରି ମଣିଷ ମାରି
ଲୋକଂକୁ ଜିଣିବାରେ କି ବାହାଦୁରି ।
ଜଣାଲୋକ ତହିଁରେ ନୁହଇ ଜଣା
ଜିଣି ସଂଭାଳିବାର ବଡ଼ ଭାବନା ।
ସହି ସଂଭାଳିବାର ମହତ ପଣ
ଅକାମୀ କରିଦେବ ତୋପ କମାଣ ।"
ଏହି ସାଧନ ଧରି ସ୍ୱାଧୀନ ଆଜି
ଭାରତ, ଗୋରାମାନେ ଗଲେ ବରଜି ।
ଆଜି ପୃଥିବୀସାରା ଲାଗିଛି ଗୋଳ
ଉଡ଼ାଜାହାଜ ବୋମା କେତେ କାହାର ।
ସମସ୍ତେ ଏ ସବୁରେ ହୁଅ ସମାନ
ଛକା ଛକରେ କର ଶାଂତି ସ୍ଥାପନ ।
ମରାମରି କି ଶାଂତ ହୋଇବ କେବେ
ମୂଥ ସଜାଡ଼ି ଦାଂଡେ ଗୁଳିଲେ ସବେ ।
ସେଥିକୁ ପୃଥିବୀରେ ପଡ଼ିଛି ଡାକ
ଗାଂଧି ହେ ଧର୍ମ ଦେଇ ଜଗତ ରଖ ।

---

## ଚକାଫଳ ନ ଖାଅଁ

ଅପଂତରା ପାଟ ସେ ପାଖେ
ଆଂବ ତୋଟା ଗହଳ
ଆଂବତୋଟା ଗଲେ ବନସ୍ତେ
ଦିଶେ ପାହାଡ଼ ତଳ ।
ପାହାଡ଼ରୁ ଫିଟି ଝରଣା
ଭେଦି ଯାଏ କଆଁଶ
ସେ ଜଳେ ହୁଅଇ ରସାଳ
ଆଖୁ କଳା କଂଚାସ୍ତ ।
ପଲେ ପଲେ ଭାଲୁ ପାହାଡ଼ୁ
ରଡ଼ି ଆସଂତି ତଳେ ?
ଆଂବ ଥିଲେ ତୋଟା ବୁଲଂତି
ଆଖୁ ଖାଆଂତି ଭଲେ ।
ଆଂବ ଖୋଜୁ ଖୋଜୁ ଗ୍ଲେବ୍ୟାଂତି
ଆଂବ ପତର କେତେ
ଗ୍ଲେବାଇ ଫୋପାଡ଼ି ଦିଅଂତି
କଷା ଲାଗଇ ଯେତେ ।
ଭାଂଗି କରି ସବୁ ଗ୍ଲେବାଂତି
ଆଖୁ ପତର ମିଶା
ଭାଗ୍ୟରଂତି ହେବ ଏ ଗଛ
ଫଳ କେତେ ସରସା ।
ନିତି ନିତି ବୁଢ଼ା ଭାଲୁଏ
ଉଂଡି ବୁଲଇ ଫଳେ
ଭଣୁଡ଼ି ଘର ସେ ଦେଖିଲା
ଆଖୁ ପଦ୍ମ ଗହଳେ ।
ଚକାଫଳ ଦେଖି ଭୁଂଡିରୁ
ଛାରି ବହିଲା ଲାଳ
ଆଖୁ ତ ସଭିଏ ଗ୍ଲେବାଂତି
ବୁଢ଼ା ଖାଇବ ଫଳ ।
କାହାକୁ ନ କହି ପାହାଡ଼େ
ଗଲା ସେ ରାତି ଫେରି
ଦିନ ଆଉଁ ଆସି ଏକାରେ
ମଜା ମାରିବ ବୋଲି ।
ଆରଦିନ ସଂଜ ନ ବୁଡ଼ୁ
ଭଲେ ପଶିଲା ଲୁଚି
ଆଗ ଗୋଡ଼ି ଟେକି ଧଇଲା
ଫଳ ଘ୍ରାଣ ମୂରୁଛି ।
ଧରୁଧରୁ ମୁହେଁ ପୂରାଇ
ଦେଲା ଗୋଟାକ ଯାକ
ମାଇଲେ ଭଣୁଡ଼ି ଫୁଟିଲା
ଆଖି, କଳଲା ନାକ ।

ଜଭ ଡାକ୍ତ ସବୁ ପୋଡ଼ିଲା
ଖାଲୁ ଗଡ଼ିଲା ତଳେ
ନ ଛାଡ଼ନ୍ତି କେଭେ ବହୁଡ଼ି
ବୁଢ଼ା ଗର୍ଜେ ବକଲେ ।
ଦସ୍ଂଡ ଦଗଂଡ ପଳାଇଁ
କହେ, "କେବେ ତ ଆଉ
ଆଖିବାଡ଼ ଆମେ ନ ପଶୁଁ
ଟକା ଫଳ ନ ଖାଉଁ ।"

---

## ମୋ ରଜା

୧

ମେଘ ବରଷିଲା    ଟପର ଟପର
କେଶୁର ମାଇଲା ଗଜା
କେଉଁ ସ୍ୱରଗରୁ    ଅଇଲେ ମୋ ରଜା
ତେଲଂଗି ବାଇଦ ବଜା
ବଜାରେ ଢୋଲିଆ ବଜା
ହାତୀ ପରମାଣେ    କହଇ ଦେବ ଲୁ
ତେଲଂଗି ବାଇଦ ବଜା ।

୨

ଅଶିଣ ପବନ    କାହାଳୀ ବାଜିଲା
କଂସା ଗିନା ହେଲା ମଜା
ନାହାକ ଡକାଇ    ଦିନ ବୁଝାଇଲେ
ଯୁଦ୍ଧ କରି ଯିବେ ରଜା
ଆଜ ଲୁ ବାଇଦ ବଜା
କ୍ଷୀରିପିଠା ଦେବି    ଖାଇବୁ ଯେତେ ଲୁ
ତେଲଂଗି ବାଇଦ ବଜା ।

୩

ରଂଗ ରଂଗ ଲୁଗା    ପିଲାଏ ପିନ୍ଧିଲେ
ଗାଲା ବଣଦର୍ଗା ପୂଜା
କେଉଁ ସ୍ୱରଗରୁ    ଦଳେ ହେବ ରଜା
ବାଜିଲାଣି ସାଇ ବାଜା
ବଜାରେ ଢୋଲିଆ ବଜା
ପେଣ୍ଡାଲୁଗା ଦେବି    ଦେଉଳ ଭଂଟେ ଲୁ
ବଜାରେ ବଜାସୁ ବାଜା ।

୪

ସୁଲୁ ସୁଲୁ ବାଆ    ଏଣିକି ବହିଲା
ଆସିବେ ପରା ମୋ ରଜା,
ସାଇଜେ ଶୁଭିବ    ଆନଂଦ ଚହଳ
ପିଲାଏ ଖାଇବେ ଖଜା
ବଜା ରେ ଆନଂଦେ ବଜା
ସାଇଜ ଯାକର    ଯାତ ଦେଖିବୁ ଲୁ
ଖାଇବୁ ଲୁ ଖଜା ଭୁଜା ।

୫

ଦୋଳି ଯାଇଥିଲା    ରଥଯାତ୍ରା ଗଲା
ସାଇଜେ ନ ଥିଲେ ରଜା
ସାଇଜଯାକ ମୋ    କେତେ ଅସୁଂଦର
ଦୁଃଖରେ ଥିଲେ ପରଜା
ଆସିବେ ଏଥର ରଜା
ବଜାରେ ଢୋଲିଆ    ମନ ଆନଂଦେ ଲୁ
ତେଲଂଗି ବାଇଦ ବଜା ।

୬

ଆସେ ପାଟହାତୀ    ହଲୁଚି ହାଉଦା
କି ସୁଂଦର ସାଜସଜା
ଛତ ଟଣାହୋଇ    ଆଲଟେଣୀ ବଣାଇ
ଅଇଲେ ପରା ମୋ ରଜା
ବଜା ରେ ଢୋଲିଆ ବଜା
କୋଟି ପରମାୟୁ    ହେଉ ରେ ତୋହର
ତେଲଂଗି ବାଇଦ ବଜା ।

---

## ଆମ ନେଡ଼ି

ଆସ ଗୋ ବଉଳ     ଆ'ରେ ହରି
ଦେଖିବ ଆମ ନେଡ଼ି,
ଦେବ ମୁଁ, ଖାଇବ     କଅଁଳ ଦୁବ
ଘଷିବ ସେ ମୋ ହାତ ।

ଆମ ନେଡ଼ି ଗାଈ     କେଡ଼େ ସୁନ୍ଦର
ମୁଣ୍ଡରେ ଚନ୍ଦ,     କଳା ଲାଙ୍ଗୁଳ
ଶିଙ୍ଗ ଦୁଓଟି ଗଜା,
ଆସ ଗୋ ବଉଳ     ଆ'ରେ ହରି
ଦେଖିବ ଗୋଟେ ମଜା ।

ଚରୁଥିବ ସେ     ନଈକୂଳେ
ଘାସ ଖାଉଥିବ     କୋଠଲି ମୂଳେ
ମୁଁ କହିବ 'ରହ',
ମୁହଁକୁ ଟେକି     କାନ ଡେରି
ଚୁହିଁ ରହିବ     ପିଲଟି ପରି,
ନିଶ୍ବାସ ମାରି     ହୋଇ ଢୁସୁରି
ସତେ ଯେମିତି,     ପଚାରୁ ଥିବ
'କଅଣ କହିବୁ କହ' ।

କଅଁଳ କରି     ଦେବି ମୁଁ କହି
"ମାଆଟି ମୋର     ଖାଇବୁ ନାହିଁ
କୋଠଲି ପଡ଼ର     ରସୁଣ ଘାସ"
ଘମୁରି କହିବ 'ହୁଉଁ' ।
ପାଖକୁ ଆସିବ     ରହିବ ଠାକି,
ମୁଣ୍ଡ ଉପରେ     ବେକକୁ ଟେକି,
ଆଉଁସା ପାଇଁ     ମୁଣ୍ଡ ହଲାଇ
ବୋଲିବ, 'ମୋତେ ଛୁଉଁ' ।

ବେକ ତଳୁଟି     ଦେବି କୁଣ୍ଡାଇ
ଆଉଁସି ଦେବି     ମୁହଁଟି ମୁହିଁ
ଦୋଳ ମୁକୁଟ     ଦେବି କେମିତି
ତା ବେକେ ବୁଲାଇ ହାତ,
ପାଟି ମେଲା କରି     ହାତ ପୂରାଇ
ଗଣିବି ମୁଁ ତା ଦାନ୍ତ ।

ଗୋଡ଼ ସନ୍ଧିରେ     ମୁହଁ ଗଳାଇ
କୁତୁ କୁତୁ କରି     ପଛା ହଲାଇ
ଚରି ଓଟାରି     ଦୁହିଁବି ଦୁଧ
ମାରିବ ନାହିଁ ସେ ନାତ,
ଆସ ଗୋ ବଉଳ     ଆ —ରେ ହରି
ଦେଖିବ ଆମ ନେଡ଼ି
ଦେବ ମୁଁ, ଖାଇବ     କଅଁଳ ଦୁବ
ଘଷିବ ସେ ମୋ ହାତ ।

———

## ଭାଗ୍ୟ ନିନ୍ଦ କି ଲାଭ ?

ସହରଠୁ ତିନ କୋଶ
ଗ୍ରାମରେ ବୁଢ଼ାର ବାସ,
ଗରିବ ସେ ବଡ଼;
ପିଲା ପୁଅଟିକି ଧରି
ନିତି ନିତି ଭିକ୍ଷା କରି
ବୁଲଇ ସହର ।

ବଡ଼ ବଡ଼ କୋଠାଘର
ପାଚେରି ଫାଟକ ଦ୍ଵାର,
ଶଙ୍କି ଦେଖନ୍ତି ସେ,
ମୁଠାଏ ମିଳଇ କାହିଁ
କିଏ ବା କରଇ 'ନାହିଁ'
ଫେରନ୍ତି ନିରାଶେ ।

ଢବସେ ମୁଠାଏ ଚୂଡ଼ା
କାହୁଁ ହେଲେ ଆଣେ ବୁଢ଼ା,
ସହର ବାହାରେ,
ନିତ୍ୟକର୍ମ ସାରି ଦେଇ
ଖାଆଂତି ସେ ବଛୁରାଇ
ବସି ନଈକୂଳେ ।

କେତେ ଦ୍ୱାରେ ମାଗି ମାଗି
ପେଟ ତ ଗଲାଣି ଲାଗି,
ହେଲାଣି ଉଦବେଳ;
ଗୋଡ଼ ପଡ଼ୁଅଛି ଭାଜ,
କିଛି ମିଳ ନାହିଁ ଆଜ
ଚୂଡ଼ା କି ଗୁଡ଼ଲ ।

ଦେଖଂତି ସେ କୋଠା ଗୁହିଁ
ଫାଟକ ତ ପଡ଼ ନାହିଁ
ପଶିଲେ ସାହସେ;
ଘୋଡ଼ାଏ ଦେଖିଲେ ଆସି
ଦେହୁଁ ମାଛି ପଡ଼େ ଖସି,
ମାଜଇ ସଇସେ ।

ମାଲିସାରି କି ସୋହାଗେ
ବଛୁରି ବୁଟ ତା ଆଗେ
ସଇସ ଥୁଅଇ,
ସେ ବୁଟ ବାଲ୍‌ତି ଭରି,
କି ଆନଂଦେ ଖାଏ ଘୋଡ଼ା,
କାନ ଓହଳାଇ ।

କେତେବେଳ ରହିଯାଇ
ପୁଅ କହେ ବାପେ ଗୁହିଁ,
ଦେଖାଇ କରମ,
"ପାଇ ଥାଆଂତେଇ ହେଲେ
ଆମେ ଏ ମଂଚମଂଡଳେ
ଘୋଡ଼ାର ଜନମ ।"

କିଛି ନ କହେ ସେ ବୁଢ଼ା;
ପାଇ ଛକ କିଣି ଚୂଡ଼ା
ଗଲେ ନଈକୂଳେ,
ଦେଖିଲେ ଘୋଡ଼ାଏ ତହିଁ,
ଆଗ ଗୋଡ଼ ଛଂଦା ହୋଇ
ଚରେ ବଂଧତଳେ ।

ଜଗିଆ କେ ନାହିଁ ତାର
ଡେଇଁ ଡେଇଁ ଖାଏ ଦଳ
ଗଡ଼ଆରେ ପଶି;
ଗଣ୍ଡକ ହେବ ସେ ବୁଢ଼ା;
ଠେଂଗୁରେ ହୋଇଛି ଘାଆ,
କୁଆ ଯାଏ ବସି ।

ପୁଅକୁ ଦେଖାଇ ବୁଢ଼ା
କହେ, "ଦେଖ ଏଇ ଘୋଡ଼ା,
ବୁଟିଲ୍ କି ଧନ;
ଆମ ଜନ୍ମେ ଘୋଡ଼ା କଥା
ହୋଇଥିଲେ ହୋଇଥାଂତା
ଏହାରି ସମାନ ।"

—o—

## ମାଛି ଓ ବୁଢ଼ିଆଣୀ

ମାଛିଟିଏ ଦେଖି କହିଲା
ବୁଢ଼ିଆଣୀ ଝଟରା,
"ଆ—ମୋ ଘରକୁ ଦେଖିବୁ
କେଡ଼େ ସଫାସୁତୁରା ।

ପେନସିବ ତଳେ ଉପରେ
ଘେରା ପାହାଡ଼ ବାଟେ,
ସଜାଡ଼ି ରଖିଛି ଆସନ
ଝୀନ ଶକ୍‌କଣ ପାଟେ ।"

ମାଛି କହେ, "ଯିବ ନାହିଁ ମୁଁ,
କଥାଁ ଡାକୁଛୁ ମୋତେ ?
ତୁମ ଘରେ ପଶି କଏ ସେ
କେବେ ଫେରିଛି ପରେ ?"

"ଆସ ବାବୁ ବାଧି ଯିବଣି
ଉଡ଼ ଉଡ଼ ଶୂନ୍ୟରେ,
କହେ ବୁଢ଼ିଆଣୀ, ଶୁଣ ହେ,
ଶେଯ ପଡ଼ିଛି ଘରେ ।"

ପଡ଼ିଛି ସେ ଶେଯେ ଘୁଦର
କେଡ଼େ ସରୁ ସୁଂଦର
ଘୁରପଟେ ଝଣା ହୋଇଛି
ବୁଣା ପାଟ ଝାଲର ।"

କହେ ମାଛି; "ନାହିଁ ନାହିଁ ହେ
ଶୁଣି ଅଛଇ ମୁହିଁ,
ତୁମ ଶେଯେ ଥରେ ଶୋଇଲେ
ଆଉ ଉଠଂତି ନାହିଁ ।"

ବୁଢ଼ିଆଣୀ ସେ ତ ଛକକା,
ପୁଣି କହଇ ଫାଂଦ
"କି କହିବ ବାପ, ତୋ ପାଇଁ
ପ୍ରାଣ ଉଠଇ କାଂଦ ।

ଖାଇବା ଦରବ ବାଛି ମୁଁ
କେତେ ରଖିଛି ଘରେ,
କି ସୁଖ ଲାଗଂତା ଯେବେ ତୁ
ଚୁଖି ଦଅଂତୁ ଥରେ ।"

"ନାହିଁ ରେ ବାବା, ସେ ସୁଆଦ
ଲୋଡ଼ା ନାହିଁ ମୋହର,
କହେ ମାଛି, "ଶୁଣାଅଛି ହେ
ତୁମ ଘର ବେଭାର ।"

ବୁଢ଼ିଆଣୀ ସେ କି ଛାଡ଼ୁଛି,
ଏବେ କହେ କପଟେ,
"କେତେ ବୁଦ୍ଧି ବାପ ଧରିଚୁ
ଏଇ ଟିକିଏ ପେଟେ ।

କି ଶୋଭା ତ ପକ୍ଷୀ ଚମକ,
କେଡ଼େ ଉଜଳ ଆଖି
ଦର୍ପଣ ସଜାଡ଼ି ରଖିଛି,
ଥରେ ଯାଆଂତୁ ଦେଖି ।"

"ହଉ ତେବେ" କହେ ସେ ମାଛି,
"ବଡ଼ ଆନଂଦ କଥା
ବେଳ ନାହିଁ ମୋତେ, ଯାଉଛି,
ସବୁ ଘରେ ରଖିଥା ।"

---

## ହଟିଆ ଲୁଚିବା କଥା

ବାପା ଯେତେବେଳେ, ବସଂତି ଖାଇ
ହଟିଆକୁ ଖୋଜଂତି ସେ,
ଯେତେ ଯେଉଁଆଡ଼େ ଖୋଜିଲେ ହେଲେ
ହଟିଆ କି ଆଉ ଦିଶେ ?

ଦିନେ ବାପା ଯେବେ ଗାଧୋଇ ଆସି
କହିଦେଲେ, 'ଭାତ ବାଢ଼',
ମାଆକୁ କହିଲା, "ଲୁଚିଯିବି ମୁଁ
ଠିଆ ହେବୁ କର ଆଢ଼େ,

ଖୋଜିହେବେ ବାପା, କହିବୁ ନାହିଁ,
ଦେଖିବୁ କେମିତି ହେବ ?"
ଏହା କହି କଲା ହଟିଆ ପିଲା
କବାଟକଣକୁ ଠାବ ।

ଓଳଅା ସଂଧିରେ କବାଟକୁଣେ
ଲୁଚି ଲୁଚି ଗଲା ପୁଅ,
ଲୁଗାଟିଏ ପାରି ପଡ଼ିଲା ଶୋଇ
ଅଲପେ ଘୋଡ଼ାଇ ମୁହଁ ।

ଖାଇବାକୁ ଏବେ ବସିଲେ ବାପା,
ଖୋଜିଲେ, "ହଟିଆ କାହିଁ ?"
ପଚାରିଲେ, "ପୁଅ କୁଆଡ଼େ ଗଲା ?
ଦାଂଡରେ ତ ଖେଳୁ ନାହିଁ ?"

କୋଇଲେ, "ଦାଂଡକୁ ଯାଆଂତା କଆଁ ?
ହୁଇ ପହରିଆ ବେଳ,"
ଏହା କହି ଖୋଜି ଖୋଜି ଚାହିଁଲେ
ଅଂଧ ସଂଧି ଘରତଳ,

କବାଟକୁଣକୁ ଚାହିଁଲେ ଥରେ;
ହସିଲା ହସିଲା ହୋଇ
ମାଆକୁ କହିଲେ, "ହଟିଆ ତେବେ
ପଡ଼ିଥିବ ଆଜି ଶୋଇ ।"

ହୁଲକନ ଏବେ ହଟିଆ ଉଠି
ମାଆ ପଛଆଡ଼େ ଠିଆ;
ତାଳି ମାରି ମାରି ଉଠିଲା ହସି
ବୋଇଲା, "ଶୁଅଂତି, କଆଁ ?"

ହସି ହସି ଯାଇଁ ବାପାଂକ କୋଡ଼େ
ଖାଇବାକୁ ଗଲା ବସି,
"କେଉଁଠି ଥିଲା କି ପୁଅଟି ମୋର ?"
ବାପା ପଚାରିଲେ ହସି ।

——

## ଜହ୍ନମାମୁଁ

କୁଆଁର ପୁନଅଁ ଜହ୍ନ କେଡ଼େ ସୁନ୍ଦର
ମଜା ରୁପାଥାଳି ଜହ୍ନ ମାମୁଁଟି ମୋର,
ନାହିଁ ଝିଙ୍କ, ଘଡ଼ଘଡ଼,
ନାହିଁ ଆଉ ନଈବଢ଼ି,
ଫିଟିଅଛୁ ବାଟଘାଟ, ପାଣି ନିର୍ମଳ
କୁଆଁର ପୁନଅଁ ଜହ୍ନ କେଡ଼େ ସୁଂଦର ।

ଆସଇ ସେ ଜହ୍ନମାମୁଁ ମାସକୁ ମାସ,
କାର୍ତ୍ତିକ ଶୀତରେ ଦେଖେ ଶରଦ ରାସ,
ଆସଇ ସେ ମଗୁଶୀରେ
ଆସଇ ପୁଷ ଶିଶିରେ;
ମାଘ ଜାଡ଼ ସହି ଆସେ କରି ସାହସ
ହିମ କୁହୁଡ଼ିରେ କାଂଦି ହୁଏ ନିରାଶ ।

ଫଗୁଣେ ବସଂତ ବହେ, ଫୁଟଇ ଫୁଲ
ଗ୍ରାମେ ଗ୍ରାମେ ଫଗୁ ଖେଳ, ଚଣା, ଶାକର,
ଜହ୍ନମାମୁଁ ଚାହିଁଥାଏ,
କେତେ ଶରଧା ଦେଖାଏ,
କଏ ସେ ପଚାରେ ତାକୁ, ଦୋଳ ଗହଳ
ଅବିର ବୋଳା ଖାଲି ଉଠଇ ଗୋଳ ।

ବସଂତ ଭୁଲାଇ ଚିଖେ ଚଇତ ସାରା
ବଇଶାଖ, ଜ୍ୟେଷ୍ଠ ହୁଏ ନିର୍ଧୁମ ଖରା
ଶୁଖଇ ନଈ ପୋଖରୀ,
ଭୂଇଁରୁ ଉଠଇ ଧୂଳି,
ଆକାଶରେ ଜହ୍ନମାମୁଁ ଦିଶେ କୋତରା,
ସମସ୍ତେ ଲୋଡ଼ଂତି ଖାଲି ପାଣି ଅସରା ।

ଆଷାଢ଼ ଶ୍ରାବଣ ଭାଦ୍ର ବରଷାକାଳ,
ଜହ୍ନବୁଅ ମାସକୁ ମେଘ ଥାଏ ବହଳ,
ମେଘ ଆରପାଖେ ରହି
ଜହ୍ନମାମୁଁ ଥାଏ ଲୁହିଁ,
ଅଶ୍ୱିନକୁ ହୁଏ ସଫା ଶରଦ କାଳ
କୁଆଁର ପୁନେଇଁ ଜହ୍ନମାମୁଁ ସୁଂଦର ।

———

## ଜୟ ଭାରତ

କାହିଁ ନ ଥିଲା ଏହି ଭାରତବର୍ଷ
ଜଗତେ କାହିଁ ଆଉ ଏ ପରି ଦେଶ ।
ଅଛି ଏଥି ଜଗତେ ଧରମ ଯେତେ,
ଅଛନ୍ତି ପରି ଯେତେ ଜାତି ଜଗତେ ।

ଯାହାର ହିମାଳୟ ମୁକୁଟ ତୋର
ଧୁଅଇ ପାଦ ମହାସାଗର ପର ।
ଯାହାଡ଼େ ଉଠି ଦେଖ ଚଳେ କଆଁର
ଦେଖିଲେ ଥରେ କେବେ ନ ହେବ ଭୁଲ ।

କଆଁର ଭେଦ ବହି ଯାଉଛି ନଈ
ମହାସାଗରେ ଦୂରେ ମିଶୁଛି ଯାଇ ।
ଶୀତ ଯାଉଛି ପୁଣି ଆସୁଛି ଖର
ଗ୍ରୀଷ୍ମେ ଶୀତଳ ପଡ଼େ ପାଣି ଅସର ।

ଆକାଶେ ଉଡ଼େ ସୁଖେ ବ୍ୟୋମ ବିମାନ
ବାଣିଜ୍ୟ ନିଏ ଦୂରେ ବୋଇତ ମାନ ।
ଚାଲୁ ଧାନ ଗହମ ଯାହାକୁ ଯେତେ,
ଖଣିରୁ ଲୁହା ସୁନା ହୀରା ସହିତେ ।

ସେ କାଳେ ଜ୍ଞାନ ବୁଦ୍ଧ ଏ କାଳେ ଗାଂଧି,
ଧର୍ମେ ପୃଥିବୀ ସାରା ରଖିଲେ ବାଂଧି ।
ବେଦ ପୁରାଣ ବିଦ୍ୟା ବିଜ୍ଞାନ କଳା,
ଯେତେ କହିଲେ ହେଲେ ନୁହେଁ ସରିଲା ।

ଏପରି ଦେଶେ ଆମ ଧନ୍ୟ ଜନମ
ଜୟ ଭାରତ ଜୟ ଜୟ ତୋ ନାମ ।

———

## ମୋଅର ଗାଈ ସେ 'ଯାତି'

ମୋଅର ଗାଈ ସେ 'ଯାତି',
ତାଆର ଦୁଧ ଗୋଳାଇ ନିତି
ଖାଉଛି ମୁହିଁ ଭାତ;
ଯାତ ଉପାସକୁ ଜଣା ହେଲା ବୋଲି
ନାଆଁଟି ତାହାର 'ଯାତି' ।
(ଏବେ) ମୋଅର ଗାଈ ସେ 'ଯାତି' ।

ଆମ ଘରେ ଅଛି ନଅଟି ଗାଈ
ଆମେ ଦୁହେଁ ଅଛୁଁ ଭଉଣୀ ଭାଇ
ଗୋଟିଏ ଅଛି ପିଇସୀ ନାମି
ହଳଆ ହିଏ- ଲୁଟା ତୋରଣୀ
ସକାଳୁ ଉଠି ଗୁହାଳ ପୋଛି
ଗାଈଟିକ ଦୁହେଁ ମାଆ,
ବାପା ଯାଉଛନ୍ତି ହଳକୁ, ଉଠି
କୁଆ ନ ବୋବାଉଁ କାଆ ।

ଦିନେ ଇସ୍କୁଲ ଥାଏ ଛୁଟି
ଆମ ବୁଧିଭାଇ ସକାଳୁ ଉଠି
ଦାଂତ ଘଷି ଦେଇ ପଖାଳ ଖାଇ
ବାହାରିଲା ଧରି ଗାଈ;
କହିଲା, "ଭାଇ, ମୁଁ ସାଂଗରେ ଯିବି,
'ଯାତି' ଚରୁଥିବ ଗେଲ କରିବି;"
ଭାଇ ହେଲା ରାଇ ରାଇ
ମାଆ କଲା ମତେ ନାହିଁ';
ତମ ତମ ହୋଇ କହିଲା ଭାଇ
"ଯାତ କି ତୋଅର ଗାଈ ?"

ବାଡ଼ରେ ବସିଲି ହୋଇ ମୁଁ ଭୁମ୍ମା,
ଫାଟି ଫୁଟିଗଲା ପିଇସି ନାମ୍ମା,
ଦୁଧ ଗିନା ଘେନି ଅଇଲା ମାଆ,
ମତେ ବୋଇଲା, 'ଖାଆ',
ମୁଁ ବୋଇଲି, 'ଯାଆ';
ମୋ ଗାଈ ନୁହେଁ 'ଯାତ'
ଖାଇବି ନାହିଁ ମୁଁ ସେ 'ଯାତ' ଦୁଧ
ଖାଇବି ନାହିଁ ମୁଁ ଭାତ ।

ସେଦିନଦିନ ବାପା ବିଲରୁ ଆସି
ଗାଧୋଇ ନ ଯାଇ ପିଂଡାରେ ବସି
ନାମ୍ମା ମାଆ କଥା ଶୁଣିଲେ ନାହିଁ,
ବାଂଟିଦେଲେ ସବୁ ଗାଈ,
ବାପା ନେଇଗଲେ କଜଳା, ନାଲି,
ଦାମୁଡ଼ ଯୋଡ଼କ ହଳିଆ ନେଲା;
ଭାଇର ରହିଲା ଦଉଟି ଛଡ଼ା;
ନାମ୍ମା ଆଦରିଲା କାଳିଆ ହଡ଼ା;
କୁନ ବାଛୁରିଟି ମାଆ ନେଇଗଲା,
'ଯାତ'କୁ ରଖିଲି ମୁହିଁ;
ନଈ ଗାଈଯାକ ବାପା ବାଂଟି ଦେଲେ
ଆଉ ନାହିଁ ଗୁଇଁ ପୁଇଁ ।

ମୋ' ଗାଈ ହେଲା 'ଯାତ'
ତାହାର ଦୁଧ ମୁଁ ଗୋଳାଇ ଖାଇଲି
ବାପାଂକ ସାଂଗରେ ଭାତ ।
(ଏବେ) ମୋଅର ଗାଈ ସେ 'ଯାତ',
ତାଆର ଦୁଧ ଗୋଳାଇ ନିତି
ଖାଉଛି ମୁହିଁ ଭାତ ।

---

## କି ସୁଂଦର ଏ ସଂସାର

କି ସୁଂଦର ଏ ସଂସାର
କେଡ଼େ ସୁଖ ପିଲାଂକର,
ହସି ଖେଳି ବୁଲଂତି ସେ,
କି ଶୋଭା ଦିଶେ ।

ସକାଳୁ ହସାଏ ମଥି,
ସୁଲୁ ସୁଲୁ ବାଆ ବହି;
ନାଚେ ଗଛପରେ ଖରା
କେଡ଼େ ହରଷେ ।

ଗୁଣୁ ଗୁଣୁ ସ୍ୱନ କରି
ମହୁମାଛି ବସା ଘେରି
ବାହାରଂତି ଫୁଲ ଖୋଜି
ବନସ୍ତ ବୁଲି;
ବସାଟି ଦୋହଲୁ ଥାଏ,
ବାୟାର କି ଅବା ଯାଏ,
ଖେଳୁଥାଏ ବୁଦାମୂଳେ
ସେ ଲୁଚକାଳି ।

ଘରଚଟି ଚଟ୍ କରି
ଏ ଗଛୁ ସେ ଗଛେ ଉଡ଼ି
ନଚାଇ ନଚାଇ ଲାଂଜ
କରଇ ନାଟ;
ଘୁମୁରି ଉଠଇ ପାରା,
କାଦେଚା ଖୋଜଇ ଖରା,
ବଳପିଂପି ଗଡ଼ଆରେ
ଢିଏ କୁହାଟ ।

ଝୁଲୁ ଝୁଲୁ ବହେ ନଈ
ବାଲିଶେଯେ ଉହୁ ରହି,
ଚେଉଁ ଖେଳେ ଗୀତ ଗାଇ
ମିଶେ ସାଗରେ;
ଚିଲିକା ଖେଳଇ ସୁଖେ
ପାହାଡ଼ ନଚାଇ ବୁକେ,
କି ସୁଂଦର ମେଘମାଳ
ପାହାଡ଼େ ଚରେ ।

ଶୀତକ ନ ଥାଏ ଖରା,
ବଂତ ହୋଇଯାଏ ତରା,
ଜହ୍ନ ହସେ କେବେ ସେହି
ତରା ଗହଳେ;
ସକାଳୁ ସତେ କି କେହି
ସେ ତରା ଗୋଟାଇ ନେଇ
ବୁଣିଦଏ; ବଣଭୂଇଁ—
ହସଇ ଫୁଲେ ।

ସମୁଦ୍ରେ ବୋଇତ ଭାସେ,
ଆକାଶେ ବଉଦ ହସେ,
ପକ୍ଷୀ ଉଡ଼ି ଗୀତ ଗାଏ
କିବା ସରସେ ।
ଖରାରେ ଜୁଟଇ ଶୀତ,
ପବନେ ମିଶଇ ଗୀତ,
ଗଗନ କେସନ ଦୂର
ସାଗରେ ମିଶେ ।
କି ସୁଂଦର ଏ ସଂସାର,
କେଡ଼େ ସୁଖ ପିଲାଂକର
ହସି ଖେଳ ବୁଲଂନ୍ତ ସେ,
କି ଶୋଭା ଦିଶେ ।

---

## ବେଙ୍ଗ ଓ ବୁଢ଼ୀଆଣୀ

ବୋଣ ବୁଦାମୂଳେ    ବସିଣ ବଂଡାରେ
ବୁଢ଼ା ବାହୁଶିଆ ବେଙ୍ଗ
ଦେଖିଲା ଉପରେ    ବସି ଛଂଦ ଦେଇ
ବୁଢ଼ିଆଣୀ କରେ ରଂଗ ।

ବୁଢ଼ା ବିଚାରିଲା    କେମଂତେ ଖାଇବି,
ଏ ତ ଅଛି ବହୁ ଦୂରେ;
ଡେଇଁ ପଡ଼ିଲେ ତ    ଜଣା ପଡ଼ିଯିବ,
କାହିଁ ପଳାଇବ ଡରେ ।

ଡେଇଁଲେ ବା ପୁଣି    ଲାଖ ହେବ ବୋଲି
କି ଅବା ଭରସା ଅଛି,
ଭାଳିଣ ଏସନ    ବୁଢ଼ୀଆଣୀ ସଂଗେ
ଫାଂଦ କଥା କହେ ବାଛି ।

"ମିତଣି ତୁମକୁ    କାଟୁଥିବ ଖରା,
ଶୀତଳ ଏ ବୁଦାମୂଳ;
ପାଣି ଛୁଡ଼ଯାଇ    ଚକ୍‌କଣ ଶିଉଳ
ପଡ଼ି ଲଗେ କି କଅଁଳ !

ଏକୁଟିଆଟିରେ    ବସିଛୁ ମୁଁ ଏଥି
ଓହ୍ଲାଇ ଆସ ଗୋ ତଳେ;
କଥା ବାରତାରେ    କଟିଯିବ କାଳ
ମାତି କେତେ ହସ ଖେଳେ ।"

କଥା ଶୁଣିବାକୁ    ଖୁସିବାସି ହୋଇ
ବୁଢ଼ିଆଣୀ ଗଲା ମଂଗି;
କହିଲା, "ସତେ ମୁଁ    ତୁମ ପରି ଜଣେ
ଲୋଡ଼ୁଥିଲି ଏକା ସଂଗୀ ।"

କହି ଏହିପରି, ଘଷି ସେ ବାହାରି
ଯତନେ ସୂତାକୁ ଧରି
ଅଳପେ ଅଳପେ ଉହ୍ଲାଇ ବସିଲା
ପବନରେ ଥରି ଥରି ।

ବେଙ୍ଗ ମୁହଁ ପାଖେ ରହି ହଲଯାଏ,
ପୁଣି ଉଠେ, ପୁଣି ପଡ଼େ;
ପାଖେ ଦେଖି ଥରେ ପାଟି ଝାକୁଝାକୁ
କଲା ବେଙ୍ଗ ଅସଂଯତେ

ହସି ବୁଢ଼ିଆଣୀ ସୂତା ଧରି ଧରି
ତରତରେ ଗଲା ଉଠି;
ଏହା ଦେଖି ବେଙ୍ଗ ସାକୁଲେଇ ହୋଇ
କହଇ କଥାକୁ ମାଠି;

"ପଡ଼ିଯିବ ବୋଲି, ଧରିନେବା ପାଇଁ
ବଢ଼ାଉଥିଲି ମୁଁ ମୁହଁ,"
ବୁଢ଼ୀଆଣୀ ବୋଲେ, "ଆସ୍ଥ ମିତ ତୁମେ !
ସେଗୁଡ଼ାକ ରଖି ଥାଅ ।

ମନ ଯେବେ ଥିଲା ଭୁଲାଇ ପାଖକୁ
ନେଇ ମତେ ଖାଇବାକୁ,
କରୁଥିଲ କିଆଁ ଏଡ଼େ ଅସଂଯତେ
ପାଟିଝାକୁ ଝାକୁଝାକୁ ?"

—*—

## ପିଲା ଓ ଚଢ଼େଇ

ପିଲା—ଆସ ଆସ ଚଢ଼େଇ ମୋ ପିଣ୍ଡାରେ ବସ
ଖାଇବାକୁ ଦେବି ତତେ ନଡ଼ିଆ ରସ;
ପିଇବାକୁ ଦେବି ବେଣ୍ଟ ପୋଖରୀ ପାଣି,
ରହିବାକୁ ଦେବି ସୁନା ପଂଜୁରି ଆଣି ।

ଚଢ଼େଇ—ବୁଲୁଛି ବନସ୍ତେ ମୁହିଁ ଡାଳକୁ ଡାଳ
ଖାଇବାକୁ ଅଛି କେତେ ପାଚିଲା ଫଳ;
ପାହାଡ଼ ଝରଣା ପାଣି ପିଏ ମୁଁ ନିତି,
ପତ୍ର ଗହଳରେ ଶୋଇ ପୁହାଏ ରାତି ।

ପିଲା—ଉଡ଼ି ଉଡ଼ି ବାଧିବଟି ଡେଣାକୁ ତୋର,
ଶଉରୀ ଛଂଗୁଣ ଦେଖି ମାଡ଼ିବ ଡର ।
କମିତି ରଖିବୁ ଡିଂବ ପତର ତଳେ,
ପିଲା କିଏ ସମ୍ଭାଳିବ ବୁଲି ତୁ ଗଲେ ?

ଚଢ଼େଇ—ବାଧିଯିବ ଯେବେ ଡେଣା କାହିଁକି ଅଛି ?
ଶଉରୀ ଛଂଗୁଣ ଜଗି ସୁଖେ ବୁଲୁଛି ।
ଡିଂବ, ପିଲା ସମ୍ଭାଳିବି କରି ମୁଁ ବସା,
ପିଲା ଯେ ଦେଉଛି, ସେହି ଏକା ଭରସା ।

ପିଲା—ଆସୁଛି ବରଷା କାଳ ଶ୍ରାବଣ ଧାରା,
ଖାଇବାକୁ ନ ମିଳିବ ଦିବସ ସାରା ।
ବସି ଗୀତ ଗାଉଥିବୁ ମୋ ଘରେ ସୁଖେ,
କଉତୁକେ ଧରିଥିବି ତତେ ମୁଁ ବୁକେ ।

ଚଢ଼େଇ—ଡେଣା ପିଟି ଖାଉଛି ମୁଁ ଇଚ୍ଛାରେ ଚରି,
ଉପାସ ବାଧିବ ନାହିଁ ବଂଧନ ପରି;
ଗୀତ ଗାଇ ପୋଷା ହେବା ନୁହେଁ ମୋ କାମ,
ପ୍ରଭୁ ମନ ଯୋଗାଇବା ବଡ଼ ବିଷମ ।

---

## ଚଷାର ଭାଗ୍ୟ

୧

ପୁଷମାସେ ରବି ବୁଣା ଲାଗିଯାଏ ପନ୍ତଲେ,
କେତେ ବାକି ପଡ଼ିଥାଏ ଧାନ କଟା ଗଦ୍ଦିରେ ।
ଅଗ୍ନି କୋଣେ ଉଠି ରବି ଘୁଂଚି ରହେ ଦକ୍ଷିଣେ,
ଖରି ଜାଡ଼ ମାଡ଼ିଆସେ ହିମାଳୟ ପବନେ ।

ନ ମାନି ସେ ଜାଡ଼ ଚଷା ଉଠି ନ ପାହୁଁ ରାତି,
ହଳ ଯୋଚ ଦାଆ ଧରି ବିଲେ ଯାଏ ଝଟତି ।
ହିଡ଼େ, ବାଡ଼େ, ଘାସେ, ଗଛେ ପଡ଼ିଥାଏ କାକର
ବୁଡ଼ି ସେ କାକରେ ଥରି କେଡ଼େ ସୁଖ ଚଷାର ।

୨

ଘରେ ଧାନ ଭରି ତାର, ବିଲେ ରବି ଫସଲ,
କେତେ ତ କୋଳଥ ଏବେ ହୋଇଯିବ ଅମଳ;
ଲଙ୍କା ଛାର ଓଳିଆରେ ରଖିଅଛି ସାଇତି,
ବାଇଗଣ କିଆରିରୁ ତୋଳା ଲାଗିଛି ନିତି,
ମଂଚାରେ ଦୋହଲୁ ଅଛି ବଡ଼ ବଡ଼ କଖାରୁ,
ପିଢ଼ାରେ ଶୋଇଛି ଲାଉ ଖୋଲା ହୋଇଛି ସାରୁ;
ଗଂଠି ଗଂଠି ଫଳ ଆଳୁ ବାଡ଼ ସାରା ଫଳିଛି,
ଆଉ ଚିଂତା ଏବେ ତାର ମନେ ନାହିଁ ତ କିଛି ।

୩

ଅମଳ ସରିଲେ ଧାନ ଦିଆହେବ ଖଜଣା,
ମହାଜନ ନେବ, ନେବେ କିଏ କେତେ ପାଉଣା ।
ସେବା କରିତନ ପୁଣି ବାଜମୂଲ ଲଗୁଡ଼ି,
ବେଭାର ଦକ୍ଷିଣା ଦାନ ହଳଆର ଖାଉତି ।
ଭୋକି ଶୋଷୀ ଆଶ୍ରାକରି ନ ଫେରିବେ ଦୁଆରୁ,
ଭିକ ମୁଠି ବୁଡ଼ିଗଲେ ଲକ୍ଷ୍ମୀ ଯିବେ ସେ ଘରୁ ।
ପର୍ବପୁଣ୍ୟ ବିଭାଘରେ ହେବେ କେତେ ଚରଚ୍ଚ,
ପିଲାଙ୍କର ନୂଆ ଲୁଗା, ପାଠପଢ଼ା ଖରଚ୍ଚ ।
ଘର କଲେ ଏହିପରି କେତେ କଥା ଲାଗିବ,
ସେ ଚିଂତା କାହିଁକି ଏବେ ? 'ଆଉ ଯା ହବ ହବ ।'

୪

ସହିଛି ସେ ଜ୍ୟେଷ୍ଠ ଖରା, ଶ୍ରାବଣର ବରଷା,
ଏବେ ଲାଗିଅଛି ତାର ପୂଷ ସୁଖ ଭରସା ।
ଏ ସୁଖ ଭିତରେ ତାକୁ ଦିଅ ନାହିଁ ଶୋଚନା,
ପ୍ରଭୁ କୃପାକଲେ ତାର ନ ରହିବ ଭାବନା ।
ଚଷାର ପରମ ଭାଗ୍ୟ, ନିତି ଲାଗି ଥାଏ ସେ
ଉପୁଜାଏ ଧାନ ସେଥୁ, ନଏ କେତେ କିଏ ସେ ।
ତାହାରି ବଂଟାରେ ଭୁଂଜେ ସୁଖ ଶାଂତି ଏ ମହୀ,
ତାହାରି କରମ ଫଳେ ରାଜ୍ୟ ଲକ୍ଷ୍ମୀ ହସଇ ।

---

## ଆ ମୋ ପାଟ

ଆ ମୋ ପାଟ ବାଟେ ବାଟେ
କଅଁଳ ଘାସ ଖାଇଚୁ ପେଟେ
ସକାଳୁ ଆସି ସଂଜ ହେଲା
ଦେଖିବ ପରା ଡାକୁଛି ପିଲା
କାହାକୁ ଡରୁ ଏତେ ?
ଧଡ଼ା ଦୁଆର କଣିଚି ମେଲା
ସୁହିଁ ବସିଚି ଢଡ଼ିଏ ହେଲା
ରୁମ ଲୁଚିଲେ ଅଂଧାର ହେଲେ
ଆସିବେ ବାଘ ଗୁହାଳ ଘରେ
ତୋପାଣି ଦେବେ ତତେ ।

ପଶିଚି କୁଂଡେ ତୋରାଣି ପାଣି
କୁଂଡା କୁଳୁଚି ଦେବି ମୁଁ ଆଣି
କଳୁରା ଛଣ ବଳୁରା ହୋଇ
ଏଇ ରହିଚି ତୋ'ରି ପାଇଁ
ଆ'—ଆ' ମୋ ପାଟ !
କୁନି ବାଛୁରି କରୁଚି ଅଳି
ଖାଇବ ଦୁଧ ମୁଂଡଆ ମାରି
ଟେକିଦେବ ସେ ଟିକି ଲାଂଗୁଡ଼
ମାରିବ ମୁହିଁ ଚିରକୁ ଚିର
ଦେଖିବି ମୁଁ ତା ନାଟ ।

---

## ସିଦ୍ଧାର୍ଥ ଓ ହଂସ

ସିଦ୍ଧାର୍ଥ ବଗିଚାଘରେ
ବସିଥିଲେ ବନେ,
ଉଡ଼ିଯାଉଥିଲେ ହଂସ
କେତେ ସେ ଗଗନେ ।

ବୁଡ଼ି ଯାଉଥିଲା ରବି,
ସଂଜବେଳ ଛାଇ,
ଆସୁଥିଲା ପଶ୍ଚିମରୁ
ଗୋଡ଼ାଇ ଗୋଡ଼ାଇ ।

ଚାହୁଁ ହଂସଟିଏ ଆସି
ପଡ଼ିଗଲା ତଳେ,
ଡେଣାରେ ବାଜିଛି ଶର
ଚାହେଁ ସେ ବିକଳେ ।

ସିଦ୍ଧାର୍ଥ ଉଠିଲେ, ନେଲେ
ହଂସକୁ କୁଂଢାଇ,
ଶର କାଢ଼ି ଝାଡ଼ି, ହାତ
ଦେଲେ ସେ ବୁଲାଇ ।

ହଂସର ରକତ ଦେଖି
ଢାଳି ଲୁହ ଧାର,
କଇଁ କଇଁ ହୋଇ କେତେ
କାଂଦିଲେ କୁମାର ।

ଧନୁଶର ହାତେ ଧରି
ସିଦ୍ଧାର୍ଥଂକ ଭାଇ
ଦେବଦତ୍ତ ଏବେ ଆସି
ମିଳିଗଲେ ତହିଁ ।

କହିଲେ, "ସିଦ୍ଧାର୍ଥ, ହଂସ
ଛାଡ଼ିଦିଅ ମୋର,
ମୁହିଁ ପରା ଏ ହଂସକୁ
ବିଂଧିଅଛି ଶର ।"

ସିଦ୍ଧାର୍ଥ କହିଲେ; "ଏତ
ବିଚାର ଓଲଟା,
ସତ କହୁଛ କି ଭାଇ;
କରୁଅଛ ଥଟା ?

ମାରିଲା ଯେ ହଂସଟିକୁ
ହଂସ ହେବ ତାର ?
ବଂଚାଇ ରଖିଲା ଯେହୁ
ହୋଇବ ସେ ପର ?

ନିଅ ଶାକ୍ୟ-ରାଜ୍ୟ, ନାହିଁ
ତହିଁ ମୋର ଲୋଡ଼ା,
ହଂସଟିକୁ ନ କରିବି
କେବେ ହାତଛଡ଼ା ।"

ଶିକାରୀ ସେ ଦେବଦତ୍ତ
ରହିଗଲେ ଚାହିଁ,
ମୁଂଡପୋତି ଗଲେ ଚାଲି
କିଛି ହିଁ ନ କହି ।

## ଟିକି ଭଉଣୀ

ଆମେ ଦୁଇଭାଇ ଗୋଟିଏ ଭଉଣୀ
ଯାଇଥିଲୁ ମାମୁଘର
ମାଇଁ ଦେଇଥିଲା ତିନୋଟି କୁଂଢେଇ
ସବୁଯାକ ତିନିଙ୍କର ।

ବୋଉ ବାଂଟିଦେଲା, ବଡ଼ କୁଂଢେଇଟି
ପଡ଼ିଲା ଭଉଣୀ ଭାଗ,
ସାନରୁ ଗୋଟିଏ ଧଇଲି ମୁଁ ନେବି,
ଭାଇ ହେଲା ମୋତେ ରାଗ ।

ମୋଡ଼ିଲା ମୋ ହାତ, ନ ଛାଡ଼ିଲି ମୁହିଁ,
ଭାଙ୍ଗିଲା କୁଂଢେଇ ଧରି;
ସୁଂଦର ବିରାଡ଼ି ମୂଷା ଧରିଥିଲା
ମୂଷା ତାରି ଗଲା ଛାଡ଼ି ।

ଭଂଗା କୁଂଢେଇଟା ଫୋପାଡ଼ି ଦେଇ ମୁଁ
କାଂଦିଲି କୋହରି ହୋଇ,
ଡମ ଡମ ହୋଇ ଚାଲିଗଲା ଭାଇ
ବାପାଂକୁ ଦେବାକୁ କହି ।

ଟିକି ଭଉଣୀଟି ଧଇଲା ମୋ ହାତ
ଛଳ ଛଳ ଆଖି କରି,
"ଯ୍ହାକୁ ନେଏ ଭାଇ" ବୋଲି କହି ମତେ
କାଂଦିଲା ମୋ ହାତ ଧରି ।

---

## ଆମ ଜାତୀୟ ପତାକା

ପବନ ଲହରେ ନାଚଇ ଆମ ତିରଂଗ ବାନା
ତିନି ରଂଗ ଧରି ନଚୁଏ-ଆମ ଘରକରଣା ।
ଲାଲ ରଂଗେ ହିଂଦୁ, ଶାଗୁଆ ରଂଗେ ମୁସଲମାନ,
ଏକାକାର ପୁଣି ଧଳାରେ ସବୁ ବର୍ଣ୍ଣ ଧରମ ।

ଉଡ଼ୁ ରେ ପତାକା ଉଡ଼ୁ ତୁ ଉଚ ପବନେ ଖେଳି,
ରହୁ ଏ ଭାରତ ଜଗତେ ତୋଳି ଉଚ ମଉଳି ।
କି ଲାଲ, କେ ନେଳି, କି ଧଳା, ସବୁ ଯାଉରେ ମିଶି,
ଗଗନ ପବନେ ଭାରତ ବାନା ହସୁ ଝଲସି ।

ଏ ବାନା ମହିମା ପବନେ ଖେଳୁଥାଉ ସତତ,
ସ୍ୱାଧୀନ ଭାରତ ସଂତକ ଦେଖୁଥାଉ ଜଗତ ।
ଭାରତର ଶିଶୁ ଯୁବକ ବାଳ ବୃଦ୍ଧ ସକଳେ,
ଜୁହାର ହେଉଛୁଁ, ପତାକା, ଖେଳ ତୁହି ସମୀରେ ।

ବରାବର କରୁଥାଆ ତୁ କରୁଅଛୁ ଯେପରି,
ଦେଶ ବିଦେଶରେ ଭାରତଦେଶ ମହତ ଜାରି ।
ତୁହି ରେ ଜାତିର ଜୀବନ ଆମ ପ୍ରାଣଦେବତା,
ତୋହର ଲହରେ ଖେଳୁ ରେ ଆମ ଶୁଭବାରତା ।

ପରାଣେ ପରାଣେ ଉଠୁ ରେ ତୋର କଂପନ ଥରି,
ସେ କଂପେ ଜଗତେ ଯାଉ ରେ ଆମ ଜୀବନ ଭରି ।

---

## ବଢ଼େଇ ବାଳକ

୧

ଶିବେଇ ସାମନ୍ତ ଲାଗିଲେ ତୋଳିବାରେ ଦେଉଳ,
ବାର ଶ ବଢ଼ାଇ ପାରିଲେ ନାହିଁ ବସାଇ ଚୂଳ ।
ଥରକୁ ଥର ସେ ଉଠାଉଥାନ୍ତି ଦଧିନଉତି,
ଅଠିକଣା ଖସେ, କାଢ଼ନ୍ତି ଗନ୍ତି ନୋହୁ ପାହାନ୍ତି ।
କୋଣାର୍କ ଦେଉଳ ପ୍ରତିଷ୍ଠା ଆଉ ଗୁଟେଟି ଦିନ,
ତିନି ଦିନ ଆଉ ରହିଲା କରିବାକୁ ଯତନ ।
ନ ମୁଦ ଦେଉଳ ତିନୋଟି ଦିନ ଦେଲେ ଖଟାଇ,
ହାଣ ଖାଇବାର ମୁକର ବାର ଶହ ବଢ଼େଇ ।
ଆଉ କଏ ହେଲେ କଲେଟି ଯେବେ ପଡ଼ିବ ଜଣା,
ବାର ଶହଯାକ ବଢ଼େଇ ନିଶ୍ଚେ ଖାଇବେ ହାଣ ।

୨

ବାରବର୍ଷ ବିତିଯାଇଛି ଏବେ ଦେଉଳ କାମେ,
ଠିକା ବଢ଼େଇଟି ଲାଗିଛି, ଯାଇ ନାହିଁ ତା ଗ୍ରାମେ ।
ଛାଡ଼ି ଆସିଥିଲା ଘରେ ସେ ପୁଅ ଇଂତୁଡ଼ିଶାଳେ,
ବାରବରଷର ବାଳକ ଖୋଜି ବାପକୁ ବୁଲେ ।
ବୁଲି ବୁଲି ସିନା ଭେଟିଲା, ବାପ ଖୋଳଇ ବସି,
ଚିହ୍ନିଲା, ପୁଅକୁ କହିଲା ଏବେ ଅଳପ ହସି—
ତିନି ଦିନ ଆଉ ଅଛି ମୁଁ ବାବୁ, ଦେଖିଲି ତତେ,
ମାଆକୁ ବୁଝାଇ କହିବୁ, ମାଆ ଯିବ ପରତେ ।
ଶୁଣି ସେ ବାଳକ କହିଲା, ଯିବ ଦେଉଳ ଦେଖି,
ଦେଉଳ ମୁଦାରେ ମନ ତା ଏବେ ରହିଲା ଲାଖି ।

୩

ବଢ଼ାଇପୁଅ ସେ କେସନେ କଲା କି ବୁଦ୍ଧି ତାହିଁ,
ଗନ୍ତି ନ ପାଉଣୁ ଦେଉଳେ ଦେଲା ଚୂଳ ବସାଇ ।
ପଡ଼ିଲା ଭାଳେଣି, ଏ କଥା ଯେବେ ପଡ଼ିବ ଜଣା,
ବାରଣ ବଢ଼େଇ ମୁକର ତାହିଁ ଖାଇବେ ହାଣ ।
କେତେ ଲୁଚାଇବ କଏ ସେ ପଡ଼ିଗଲା ବିଚୁର,
ବାଳକଟି ବଞ୍ଚ ରହିଲେ ହୋଇଯିବ ପ୍ରଚୁର ।
ବାଳକ ବୁଝିଲା—କି ଅବା ମୋର ଛାର ଜୀବନ,
ମୋ ପାଇଁ କାହିଁକି ବାରଶ ସତେ ଖାଇବେ ହାଣ ।
ଗନ୍ତି ନ ପାଉଁ ସେ ଉଠିଲା ସୂର୍ଯ୍ୟଦେଉଳ ଚୂଳେ,
ବନ୍ଧୁଂକୁ ଜୁହାରି ଆନଂଦେ ଡେଇଁପଡ଼ିଲା ଜଳେ ।